# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**07th August - 2024**

**News Editor : *Itishree Singh Rathaur***

**************************************

***Desk***

## ମୁଖ୍ୟମନ୍ତ୍ରୀ - ନୀତି ଆୟୋଗ

ବିକଶିତ ଭାରତରେ ଓଡ଼ିଶା କିପରି ପ୍ରମୁଖ ଭୂମିକା ଗ୍ରହଣ କରିବ, ସେନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବି.ଭି.ଆର୍. ସୁବ୍ରମଣ୍ୟମ୍‌ଙ୍କ ସହିତ ଗତକାଲି ଭୁବନେଶ୍ୱର ଲୋକସେବା ଭବନରେ ସାକ୍ଷାତ୍ ଆଲୋଚନା କରିଛନ୍ତି । ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ଏବଂ ୨୦୪୭ ମସିହାକୁ ଲକ୍ଷ୍ୟ ରଖି ଦୁଇଟି ମାର୍ଗଦର୍ଶିକା ପ୍ରସ୍ତୁତ କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବକୁ ନୀତି ଆୟୋଗ ଗ୍ରହଣ କରିଛନ୍ତି । ଆସନ୍ତା ୩ ମାସ ମଧ୍ୟରେ ରାଜ୍ୟର ବିକାଶ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

*Desk*

# ଅଭିଯୋଗ ଶୁଣାଣି ସରଳୀକରଣ

ରାଜ୍ୟ ସରକାରଙ୍କର ଜନଶୁଣାଣିକୁ ଆହୁରି ସରଳୀକରଣ କରିବାପାଇଁ ପଦକ୍ଷେପ ନିଆଯାଉଛି । ମିଳିଥିବା ସୂଚନା ଅନୁସାରେ ବିଭିନ୍ନ ବିଭାଗରେ ସରକାରୀ ଚାକିରି କରୁଥିବା କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀମାନେ ଜନଶୁଣାଣି ପୋର୍ଟାଲ୍‌ରେ ଅଭିଯୋଗ ଦାଖଲ କରିପାରିବେ । ଅଭିଯୋଗ ଦାଖଲ ପୂର୍ବରୁ ପଞ୍ଜୀକରଣ କରିବାପାଇଁ ବାଧ୍ୟତାମୂଳକ କରାଯାଇଛି । ଅଭିଯୋଗଟି ଯାଞ୍ଚ୍ ପରେ ଆବେଦନ ତାରିଖଠାରୁ ୩୦ ଦିନ ମଧ୍ୟରେ ନିୟମ ଅନୁସାରେ ସମାଧାନ କରିବାପାଇଁ ସରକାରୀ ଅଧିକାରୀମାନଙ୍କୁ କୁହାଯାଇଛି । ଧାର୍ଯ୍ୟ ସମୟ ମଧ୍ୟରେ ଅଭିଯୋଗର ସମାଧାନ ନ ହେଲେ ଜିଲ୍ଲା ସ୍ତରରେ ଏବଂ ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗକାରୀ ଭେଟିପାରିବେ ବୋଲି ଜଣାପଡ଼ିଛି ।

*Desk*

# ବନକଲାଗି

ଶ୍ରାବଣ ଶୁକ୍ଳପକ୍ଷ ତୃତୀୟ ତିଥିରେ ଆଜି **ପୁରୀ** ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଅପରାହ୍ଣ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ବନକଲାଗି

ନୀତି ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି । ବନକଲାଗି ପରେ ଶ୍ରୀଜୀଉଙ୍କର ମହାସ୍ନାନ ନୀତି ଅନୁଷ୍ଠିତ ହେବ। ଏହାପରେ ସର୍ବସାଧାରଣ ଦର୍ଶନ ହେବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ବନକଲାଗି ହେଉଛି ଶ୍ରୀଜିଉମାନଙ୍କର ଶ୍ରୀମୁଖ ସିଂହାର । ଏହାଦ୍ୱାରା ଶ୍ରୀଜିଉମାନଙ୍କର ଅପୂର୍ବ ଶୋଭାବର୍ଦ୍ଧନ ହୋଇଥାଏ ।

***Desk***

# ଆଳୁ ସମସ୍ୟା

ରାଜ୍ୟରେ ଆଳୁ ସମସ୍ୟାର ସମାଧାନପାଇଁ ଉତ୍ତର ପ୍ରଦେଶରୁ ଓଡ଼ିଶାକୁ ଆଳୁ ଅଣିବା ଲାଗି ସରକାରୀ ସ୍ତରରେ ପଦକ୍ଷେପ ନିଆଯାଇଛି । ଏହା ବ୍ୟତୀତ ନାଫେଡ୍ ମାଧ୍ୟମରେ ଉତ୍ତର ପ୍ରଦେଶ ଓ ଅନ୍ୟାନ୍ୟ ରାଜ୍ୟରୁ ଆଳୁ ଆମଦାନୀ କରିବାପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ବ୍ୟବସାୟୀଙ୍କ ସହିତ ମନ୍ତ୍ରୀ ଶ୍ରୀ ପାତ୍ର ଗତକାଲି କରିଥିବା ବୈଠକରେ ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ ନେଇ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି ।

*Desk*

# ମାଟ୍ରିକ୍ ସପ୍ଲିମେଣ୍ଟାରୀ ଖାତା ଦେଖା

ମାଟ୍ରିକ୍ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଖାତା ମୂଲ୍ୟାୟନ ଆଜିଠାରୁ ଆରମ୍ଭ ହେଉଛି । ସପ୍ଲିମେଣ୍ଟାରୀ ପରୀକ୍ଷାର୍ଥୀଙ୍କ ସଂଖ୍ୟା କମ୍ ଥିବାରୁ ପରୀକ୍ଷା ଖାତା ମୂଲ୍ୟାୟନ ୩ ଦିନ ଧରି ଚାଲିବ । ସେହିଭଳି ମୁକ୍ତ ବିଦ୍ୟାଳୟ ଖାତା ଦେଖା ୮ ଦିନ ଧରି ଚାଲିବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ସୂତ୍ରରୁ ଜଣାପଡ଼ିଛି ।

*Desk*

# ଜରୁରୀକାଳୀନ ଚିକିତ୍ସା

ରାଜ୍ୟରେ ଜରୁରୀକାଳୀନ ଚିକିତ୍ସାସେବାକୁ ତ୍ୱରାନ୍ୱିତ କରିବା ପାଇଁ ୭ ଜଣିଆ ବିଶେଷଜ୍ଞ କମିଟି ଗଠନ କରାଯାଇଛି । ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶନାମା ଅନୁସାରେ ଦୁର୍ଘଟଣାଜନି ଆହତ, ଗର୍ଭବତୀ ଓ ନବଜାତକଙ୍କ ଜରୁରୀ ଚିକିତ୍ସା, ହୃଦ୍‌ଘାତ ଏବଂ ହୃଦ୍‌ରୋଗ ସମସ୍ୟାର ମୁକାବିଲା, ସାପକାମୁଡ଼ା ସହିତ ଅନ୍ୟ ଜରୁରୀକାଳୀନ ଚିକିତ୍ସାସେବାକୁ ତ୍ୱରାନ୍ୱିତ କରିବାପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

*Desk*

# ହସ୍ତତନ୍ତ ଦିବସ

ସ୍ୱଦେଶୀ ଆନ୍ଦୋଳନର ସ୍ମୃତିରେ ଆଜି ଦେଶରେ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯଉଛି । ହସ୍ତତନ୍ତକୁ ପ୍ରୋତ୍ସାହନ ଦେବା ଏବଂ ସ୍ୱଦେଶୀ ବସ୍ତ୍ରକୁ ଲୋକପ୍ରିୟ କରିବାପାଇଁ କେନ୍ଦ୍ର ସରକାର ୨୦୧୫ ମସିହାରୁ ଜାତୀୟ ହସ୍ତତନ୍ତ ଦିବସ ପାଳନ କରୁଛନ୍ତି । ଆଜିର ଦିନରେ ସମସ୍ତ ସରକାରୀ କର୍ମଚାରୀଙ୍କୁ ଓଡ଼ିଶା ପ୍ରସ୍ତୁତ ହସ୍ତତନ୍ତ ବସ୍ତ୍ର ପରିଧାନ କରି କାର୍ଯ୍ୟାଳୟ ଆସିବାକୁ କୁହାଯାଇଛି ।  ବୟନିକା, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ ଏବଂ ଅମ୍ଳାନ'ରେ ହାତବୁଣା ପୋଷାକ ଉପରେ ସ୍ୱତନ୍ତ୍ର ରିହାତିର ବ୍ୟବସ୍ଥା ଆଜିଠାରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ମିଳିପାରିବ । ଜାତୀୟ ସ୍ତରରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ହସ୍ତତନ୍ତ ଦିବସକୁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

*Desk*

# ଗାଡ଼ି ବିକ୍ରି

ଚଳିତ ବର୍ଷ ଜୁଲାଇ ମାସରେ ରାଜ୍ୟରେ ୬୧ ହଜାର ୭୮୫ଟି ଗାଡ଼ି ବିକ୍ରିୟ ହୋଇଛି । ୨୦୨୩ ମସିହା ଜୁଲାଇ ମାସରେ ୫୦ ହଜାର ୭୦୭ଟି ଗାଡ଼ି ପିକ୍ରିୟ ହୋଇଥିଲା । ପୂର୍ବ ବର୍ଷ ଜୁଲାଇ ମାସ ତୁଳନାରେ ଚଳିତ ବର୍ଷ

ଜୁଲାଇ ମାସରେ ରାଜ୍ୟରେ ପ୍ରାୟ ୨୨ ପ୍ରତିଶତ ଅଧିକ ଗାଡ଼ି ବିକ୍ରି ହୋଇଥିବା ଜଣାପଡ଼ିଛି ।

***Desk***

## ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଏହାର ସଂଲଗ୍ନ ବାଂଲାଦେଶରେ ଗତକାଲି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆସନ୍ତାକାଲି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ମାଲକାନଗିରି, କୋରାପୁଟ, ସମ୍ବଲପୁରରେ ଆଜି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଗତକାଲି ବଲାଙ୍ଗିରରେ ସର୍ବାଧିକ ୯୨ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଥିଲା । ଗତ ୨୪ ଘଣ୍ଟା ମଧ୍ୟରେ ବୌଦ୍ଧରେ ୧୪୫ ମିଲିମିଟର, ସୁବର୍ଣ୍ଣପୁର ଉଲୁଣ୍ଡାରେ ୧୩୭, ବୀରମହାରାଜପୁରରେ ୧୧୧ ଏବଂ ବିନିକାରେ ୧୦୬ ମିଲିମିଟର ବର୍ଷା ହୋଇଥିଲା ।

ଅନ୍ୟପକ୍ଷରେ ହୀରାକୁଦ ଜଳଭଣ୍ଡାରରୁ ୧୪ଟି ଗେଟ୍ ଦେଇ ବନ୍ୟାଜଳ ମହାନଦୀ ଏବଂ କେନାଲ୍‌ଗୁଡ଼ିକୁ ଛଡ଼ାଯାଉଛି । ସକାଳ ୬ଟା ସୁଦ୍ଧା ଜଳଭଣ୍ଡାରକୁ ୧ ଲକ୍ଷ ୭୭ ହଜାର ୭୫୪ କ୍ୟୁସେକ୍ ପାଣି ପ୍ରବେଶ କରୁଥିବାବେଳେ ୨ ଲକ୍ଷ ୪୫ ହଜାର ୯୬୨ କ୍ୟୁସେକ୍ ଜଳ ନିଷ୍କାସିତ କରାଯାଉଛି । ଆଜି ସକାଳ ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୦ ଫୁଟ ଥିଲା ।

*****